2025120606

ଓୟୁଏଟି ପ୍ରକାଶନ ସଂଖ୍ୟା : ୨୦୨୫୧୨୦୬୦୬

# ଆମ୍ବ ଗଛରେ ସମନ୍ୱିତ
# ରୋଗ ଓ ପୋକ ପରିଚାଳନା



**:ସମ୍ପାଦନା ମଣ୍ଡଳୀ:**

**ଡ. ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ
(ଉଦ୍ୟାନ ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ପାଣିପାଗ)

**ଇଂ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ଇଞ୍ଜିନିୟରିଂ)

: ମୁଖ୍ୟ ସମ୍ପାଦକ :

**ଡ. ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଆମ୍ବଗଛରେ ସମନ୍ୱିତ
# ରୋଗ ଓ ପୋକ ପରିଚାଳନା


ସଂପାଦନା:

ଡ. ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ:

ଡ. ସୁଶ୍ରୀ ଚୌଧୁରୀ

ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ

ବିଷୟ ବସ୍ତୁ ବିଶେଷଜ୍ଞ : (କୃଷି ପାଣିପାଗ)

ଇଂ ଜାନୁଆରିୟସ୍ କୁଜୁର୍

ବିଷୟ ବସ୍ତୁ ବିଶେଷଜ୍ଞ :(କୃଷି ଇଞ୍ଜିନିୟରିଂ)



କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ରା. ଉଦୟଗିରି, ଗଜପତି-୭୬୧୦୧୬

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

भाकृअनुप
ICAR

# ଆମ୍ବ ଗଛକୁ ଆକ୍ରାନ୍ତ କରୁଥିବା କେତେକ ରୋଗ ଓ ପୋକ ଏବଂ ସେମାନଙ୍କର ସମନ୍ୱିତ ପରିଚାଳନା

ଫଳମାନଙ୍କର ରାଜା ଭାବରେ ପରିଚିତ ଆମ୍ବ ଉତ୍ପାଦନରେ ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଦ୍ୱିତୀୟ । ପୃଥିବୀର ଆମ୍ବ ଚାହିଦା ଓ ଉତ୍ପାଦନର ଶତକଡ଼ା ୫୪ ଭାଗ ଭାରତରେ ହିଁ ହୋଇଥାଏ । ଆମ ଦେଶରେ ସବୁ ରାଜ୍ୟରେ ଏହାର ଉତ୍ପାଦନ ହେଉଥିବା ବେଳେ ଉତ୍ତରପ୍ରଦେଶର ସ୍ଥାନ ପ୍ରଥମ । ଦେଶରେ ଉତ୍ପାଦିତ ସମୁଦାୟ ଆମ୍ବର ଶତକଡ଼ା ୮୨ ଭାଗ ମୁଖ୍ୟତଃ ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ଓଡ଼ିଶା, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଗୁଜୁରାଟରୁ ହୋଇଥାଏ ।

ଆମ୍ବ ଏକ ସୁସ୍ୱାଦୁ ଓ ରସାଳ ଫଳ ଭାବେ ସର୍ବଜନ ଆଦୃତ । ଆମ୍ବରେ ଭିଟାମିନ୍ 'କ' ଓ 'ଗ' ପ୍ରଚୁର ପରିମାଣରେ ରହିଥାଏ । ଏହା ଏକ ଗ୍ରୀଷ୍ମମଣ୍ଡଳୀୟ ଫଳ । ଦେଶର ଯେଉଁ ପ୍ରାନ୍ତରେ ବର୍ଷା କେବଳ ଜୁନ୍ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ହୁଏ, ସେଠାରେ ଆମ୍ବ ବହୁ ପରିମାଣରେ ଫଳିବାର ଦେଖାଯାଏ । ବଉଳ ଆସିବାର ପୂର୍ବରୁ ବର୍ଷା ହେଲେ ପତ୍ର ବଢ଼ିଯାଏ ଓ ବଉଳ ଆସିପାରେ ନାହିଁ । ତେବେ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୧୧୦୦ ମିଟର ଉଚ୍ଚ ସ୍ଥାନମାନଙ୍କରେ ଅର୍ଥାତ୍ ଉଭୟ ଗ୍ରୀଷ୍ମ ଓ ନାତିଶୀତୋଷ୍ଣ ମଣ୍ଡଳୀୟ ଜଳବାୟୁରେ ଭଲ ବଢ଼ିପାରେ । ଓଡ଼ିଶାରେ ପ୍ରାୟ ପ୍ରତିଜିଲ୍ଲାରେ ଏହାର ବଗିଚା ଥିଲେ ମଧ୍ୟ ଆଭ୍ୟନ୍ତରୀଣ ଜିଲ୍ଲା ଯଥା- ଅନୁଗୋଳ, ଦେବଗଡ଼, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ, ଗଜପତି, କନ୍ଧମାଳ, ନୟାଗଡ଼ ଇତ୍ୟାଦିରେ ବହୁଳ ଭାବରେ ବର୍ତ୍ତମାନ ବ୍ୟବସାୟିକ ଭିତ୍ତିରେ ଆମ୍ବ ବଗିଚା ସବୁ ଗଢ଼ି ଉଠିଛି ।

ଗଜପତି ଜିଲ୍ଲାରେ ପ୍ରାୟ ୮୫୯୦ ହେକ୍ଟର ଜାଗାରେ ଆମ୍ବ ବଗିଚା ଅଛି । ବର୍ତ୍ତମାନ ୨୬୦୦ ହେକ୍ଟର ଜାଗାରେ ସଘନ ପ୍ରଣାଳୀରେ ଆମ୍ବଚାଷ କରାଯାଇ ବାର୍ଷିକ ପ୍ରାୟ ୨୮,୬୮୫ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହେଉଛି ଏବଂ ଉତ୍ପାଦିକା ହାର ୩ ଟନ୍ । ତେବେ ପୁରୁଣା ବଗିଚାର ଅନୁପଯୁକ୍ତ

ପରିଚାଳନା, ପ୍ରତିକୂଳ ପାଣିପାଗ ଓ ଅନୁର୍ବର ମୃତ୍ତିକା ଯୋଗୁଁ ବିଭିନ୍ନ ସମୟରେ ଆମ୍ବଗଛ ବିଭିନ୍ନ ପ୍ରକାରର ରୋଗ ଓ ପୋକ ଦ୍ୱାରା ଆକ୍ରାନ୍ତ ହୋଇ ଅମଳ ଯଥେଷ୍ଟ କମିବାର ଦେଖାଯାଏ । ଓଡ଼ିଶାରେ ଚାଷ କରାଯାଉଥିବା କେତେକ ମୁଖ୍ୟ କିସମ ଯଥା- ଆମ୍ରପଲ୍ଲୀ, ନୀଲମ, ମଲ୍ଲୀକା, ତୋତାପୁରୀ, ବାଇଗଣପଲ୍ଲୀ, ହିମସାଗର, ଲାଙ୍ଗରା, ବମ୍ବେଗ୍ରୀନ୍, ଅର୍କ ଅରୁଣିମା ଇତ୍ୟାଦିର ଉତ୍ପାଦନ କେବଳ ରୋଗ ଓ ପୋକ ଆକ୍ରମଣ ଯୋଗୁଁ ଯଥେଷ୍ଟ କମ୍ ହେବାର ଜଣାଯାଏ । ଆମ୍ବଗଛକୁ ଆକ୍ରମଣ କରୁଥିବା କେତେକ ମୁଖ୍ୟପୋକ, ରୋଗ ଓ ସେମାନଙ୍କୁ ଦମନ କରିବାର ପଦ୍ଧତି ଏଠାରେ ପ୍ରଦତ୍ତ କରାଗଲା ।

# ପୋକ :

## ୧. ଆମ୍ବ ଡାହାଣୀ :

ଅନ୍ୟାନ୍ୟ ପନିପରିବା ଫସଲରେ ଲାଗୁଥିବା ପତ୍ର ଡାହାଣୀ ଠାରୁ ଆକାରରେ ସାମାନ୍ୟ ବଡ଼ ଓ ଈଷତ୍ ଧୂସର ରଙ୍ଗର । ଏହାର ପୂର୍ଣ୍ଣାଙ୍ଗ ପୋକ ଗୁଡ଼ିକ ଆମ୍ବ ବଗିଚାରେ ଥିବା ନଭେମ୍ବର ବା ଡିସେମ୍ବର ମାସରେ ଅଣ୍ଡା ଦେଇଥାନ୍ତି କିନ୍ତୁ ଛୁଆଗୁଡ଼ିକ ବଉଳ ଓ ଫୁଲର ନରମ ଅଗ ଓ ଛୋଟ କଡ଼ି ଆମ୍ବରୁ ରସ ଶୋଷିଥାନ୍ତି ଫଳରେ ଫୁଲ ଓ କଡ଼ି ଝଡ଼ିପଡ଼େ । ସେମାନଙ୍କ ମଳତ୍ୟାଗ ଫଳରେ ସୁଟିମୋଲ୍ଡ ନାମକ କଳାରଙ୍ଗର ଫିମ୍ପି ବଢ଼ି ଆମ୍ବକୁ ନଷ୍ଟ କରିବା ସହ ଛୋଟ ଆକାରର କରିଦିଏ । ଜାନୁୟାରୀ ମାସକୁ ଥଣ୍ଡା ସମୟରେ ଝିପିଝିପି



ବର୍ଷା ହେଲେ ଏମାନଙ୍କ ସଂଖ୍ୟା ବଢ଼ିଯାଏ ଓ ଫଳ ସବୁ ଝଡ଼ିପଡ଼େ । ଖରାଦିନ ଆଡ଼କୁ ଏମାନେ ପତ୍ର ଉପରୁ ଚାଲିଆସି ଗଛ ଗଣ୍ଡି ମୂଳରେ ଏକାଠି ହୋଇ ରହିଥାନ୍ତି ।

**ନିୟନ୍ତ୍ରଣ :**

(କ) ବଗିଚାରେ ପାଣି ଜମି ରହିଲେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଯୋଗୁଁ ଏମାନଙ୍କର ସଂଖ୍ୟା ବଢ଼ିଥାଏ । ଏଣୁ ଜଳ ସେଚନକୁ ନିୟନ୍ତ୍ରଣରେ ରଖନ୍ତୁ ।

(ଖ) ଗଛ ସଂଖ୍ୟା ଅଧିକ ନରଖି ୩୦ ଫୁଟ ବା ୨୫ ଫୁଟ ଦୂରତ୍ୱରେ ଗଛ ଲଗାନ୍ତୁ ।

(ଗ) ବର୍ଷାଦିନ ପରେ ପରେ ବଗିଚାରୁ ଘାସ ସଫାକରି ଭଲରେ ୨ ଓଡ଼ ଚାଷ କରିଦିଅନ୍ତୁ ।

(ଘ) ଖରାଦିନେ ବଗିଚାରେ ପଡ଼ିଥିବା ଶୁଖିଲା ପତ୍ର ଓ ଡାଳକୁ ଏକାଠି କରି ନିଆଁ ଲଗାଇ ଦେଲେ ଏଥିରେ ଯେଭଳି ଗଛର କ୍ଷତି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ତେଣୁ ଅଳିଆ ଉପରେ କିଛି ମାଟି ରଖି ନିଆଁ ଲଗାଇବାକୁ ପଡ଼ିବ ।

(ଙ) ବଗିଚାରେ ପର୍ଯ୍ୟାୟ ଭିତ୍ତିକ କୀଟନାଶକର ସିଞ୍ଚନ କରନ୍ତୁ । ଆମ୍ବଗଛର ଅଗଫୁଲି ବଉଳ ବାହାରିବା ସମୟରେ ଥରେ ଇମିଡ଼ାକ୍ଲୋପ୍ରିଡ଼୍ (୩ ମିଲି/ ୧୦ଲି. ପାଣି) ଫୁଲ ଫୁଟିବା ଆରମ୍ଭ ହେଲେ ଥରେ ଆସେଫେଟ୍ (୧.୫ଗ୍ରାମ / ଲି.ପାଣି) ଓ ଆମ୍ବ ଚଣା କଷି ଗଡାଇବା ସମୟରେ ପୁଣି ଥରେ ଇମିଡାକ୍ଲୋପ୍ରିଡ଼ (୩ମି.ଲି./୧୦ଲି. ପାଣି) ପ୍ରୟୋଗ କରନ୍ତୁ ।



## ୨. ଦହିଆ ପୋକ ଓ କାତି ପୋକ :

ଦହିଆ ପୋକର ପୂର୍ଣ୍ଣାଙ୍ଗ ଗୁଡ଼ିକ ନରମ ଓ ଦେହ ଉପରେ ଧଳା ରଙ୍ଗର ତୁଳା ଭଳି ପଦାର୍ଥ ଥାଏ। ଏହା ଛଡ଼ା ଆତ ଫଳରେ ମଧ୍ୟ ଏମାନେ ବହୁତ ସଂଖ୍ୟାରେ ଦେଖାଦେଇଥାନ୍ତି। ଏମାନେ ବହୁସଂଖ୍ୟାରେ ଫଳ ଡେମ୍ଫରେ ଓ ଫଳ ଉପରେ ରହି ରସ ଶୋଷନ୍ତି। ବିଶେଷକରି ମିଠା କିସମ ଯଥା- ବାଇଗଣପଲ୍ଲୀ, ଲାଙ୍ଗଡ଼ା ଇତ୍ୟାଦିରେ ଏମାନଙ୍କ ପ୍ରାଦୁର୍ଭାବ ବେଶି। ବେଳେବେଳେ ଗଛକଳିରେ ଏମାନଙ୍କର ସଂଖ୍ୟା ଅଧିକ ଦେଖାଯାଏ। ମାଇପୋକ ଗୁଡ଼ିକ ଖରାଦିନ ପରେ ଗଛରୁ ଆସି ମାଟି ଭିତରକୁ ଯାଇ ଅଣ୍ଡା ଦିଅନ୍ତି ଓ ଅଣ୍ଡାକୁ ପୁଣି ଅଠାଭଳି ପଦାର୍ଥ ଘୋଡ଼ାଇ ଦିଅନ୍ତି। ଏମାନେ ଅକ୍ଟୋବର, ନଭେମ୍ବର ମାସକୁ ପୁଣି ଗଛ ଉପରକୁ ଚଢ଼ନ୍ତି ଓ ରସ ଶୋଷି ନଷ୍ଟ କରନ୍ତି। ଫଳରେ ଏମାନଙ୍କ ଝାଡ଼ାରୁ ନିର୍ଗତ ଶର୍କରା ପଦାର୍ଥରେ ସୁଟିମୋଲ୍ଡ ହୋଇ ଫସଲ ଅଧିକ କ୍ଷତି କରନ୍ତି।

କାତି ପୋକଗୁଡ଼ିକ ଚାଣ ଓ ଏମାନଙ୍କ ଛୁଆଗୁଡ଼ିକ ଈଷତ୍ ଲୋହିତ ଏବଂ ଏମାନେ ଉପରୋକ୍ତ ଦହିଆପୋକ ପରି କ୍ଷତି କରନ୍ତି। ଶୀତଦିନ ଆରମ୍ଭରେ ଏମାନଙ୍କ ଛୁଆ ଗୁଡ଼ିକ ମୂଳରୁ ଉଠିଆସି ନରମ ପତ୍ରର ତଳଭାଗ ଓ କଳି ଅଂଶରେ ରହି ରସ ଶୋଷନ୍ତି। ଏମାନଙ୍କ ଆକ୍ରମଣରୁ ଫଳର ଅମଳ ଓ ବଜାର ଦାମ୍ କମିଯାଏ।



## ପ୍ରତିକାର :

(କ) ଶୀତଦିନ ଆରମ୍ଭ ପୂର୍ବରୁ ଗଛମୂଳରେ ୧ ଫୁଟ ଓସାରର ଆଲକାଥେନ୍ ବ୍ୟାଣ୍ଡ ଓ ତା' ଉପରେ ଗ୍ରୀଜ୍ ବୋଳିଦିଅନ୍ତୁ । ଛୁଆଗୁଡ଼ିକ ଏହି ଗ୍ରୀଜ୍‌ରେ ଲାଗି ରହିଯିବେ ଓ ପରେ ତାଙ୍କୁ ସଂଗ୍ରହ କରି ମାରନ୍ତୁ ।

(ଖ) ଗୋଟିଏ ଆଳୁ ଅଖାକୁ କିରୋସିନ୍ ମିଶା ପାଣିରେ ଭିଜାଇ ଗଛ ମୂଳକୁ ପ୍ରତି ୧୫ ଦିନ ଅନ୍ତରରେ ଶୀତଦିନରେ ଘଷିଦେଲେ ଛୁଆ ଆଉ ଗଛ ଉପରକୁ ଚଢ଼ିପାରନ୍ତି ନାହିଁ ଓ ବଂଶ ବିସ୍ତାର କମିଯାଏ ।

(ଗ) କେତେକ ସର୍ବାଙ୍ଗଭେଦୀ କୀଟନାଶକ ଯଥା- ଇମିଡ଼ାକ୍ଲୋପ୍ରିଡ଼ (୩ମିଲି/ଲିଟର) ବା ଡାଇଭ୍ୟାପ (୧ ମିଲି/ଲିଟର ପାଣି ପ୍ରତି) ଡିସେମ୍ବର ଓ ଜାନୁୟାରୀ ମାସରେ ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କଲେ ଏମାନଙ୍କ ଛୁଆଙ୍କୁ ଦମନ କରିବା ସହଜ ହୋଇଥାଏ ।

(ଘ) କ୍ରିପଟୋଲାଇମସ୍ ମନଟ୍ରୋଜେରୀ ନାମକ ପରଭୋଜୀ କୀଟର ଶଳଭକୁ ପ୍ରତି ଗଛ ପିଛା ୨୦ଟି ହିସାବରେ ଛାଡ଼ିଲେ ସେମାନେ ଏହି କାତିପୋକ ଓ ଦହିଆ ପୋକଙ୍କୁ ଖାଇ ସେମାନଙ୍କର ସଂଖ୍ୟା କମାଇ ଦେଇଥାନ୍ତି ।



## ୩. ଟାକୁଆଖିଆ ଘୂଣି ପୋକ :

ଶୁଣ୍ଢ ଥିବା କଳରଙ୍ଗର ଏହି ଘୂଣି ପୋକମାନେ ଫଳ କଷି ଥିବାବେଳେ ତା' ଡେମ୍ଫ ତଳେ ଅଣ୍ଡା ଦିଅନ୍ତି ଓ ଛୁଆ ବାହାର ଫଳର ମାଂସ କଣାକରି ଖାଇ ଟାକୁଆ ଭିତରେ ପଶିଯାଆନ୍ତି ଓ ସେହିପରି ଖାଇ ପରେ କୋଷା କରନ୍ତି । ଫଳ ପାଚିବା ପରେ ପୂର୍ଣ୍ଣାଙ୍ଗ ପୋକଗୁଡ଼ିକ ସେଥିରୁ ଫଳ କଣାକରି ବାହାରି ମାଟି ତଳକୁ ଯାଇ ଲୁଚିଯାଆନ୍ତି ।

**ନିୟନ୍ତ୍ରଣ :**

(କ) ନିରନ୍ତର ସର୍ବେକ୍ଷଣ ସମୟରେ ବଗିଚା ଭିତରେ ପଡ଼ିଥିବା ଆକ୍ରାନ୍ତ ଫଳ ସବୁ ବାହାରକୁ ନେଇ ନଷ୍ଟ କରିଦିଅନ୍ତୁ ।

(ଖ) ଫଳ ତୋଳିସାରିବା ପରେ ବଗିଚା ଭଲଭାବରେ ୨ ଓଡ଼ ଚାଷ କରିଦେଲେ ମାଟି ତଳେ ଲୁଚିଥିବା ପୂର୍ଣ୍ଣାଙ୍ଗ ପୋକଗୁଡ଼ିକ ବାହାରକୁ ଆସି ମରିଯାଆନ୍ତି ।

(ଗ) ଫଳ କଷି ଥିବାବେଳେ ୧୫ ଦିନ ଅନ୍ତରରେ ୨ ଥର ଇମିଡାକ୍ଲୋପ୍ରିଡ଼ (୩ ମି.ଲି./ଲିଟର ପ୍ରତି) ଓ ଅନ୍ୟ ଥରେ ଆସେଫେଟ୍ (୧୫ ଗ୍ରାମ୍/ ପ୍ରତି ଲିଟର ପ୍ରତି) ସିଞ୍ଚନ କଲେ ଏମାନଙ୍କର ଦମନ ହୋଇଥାଏ ।



## ୪. ଉକୁଣୀ :

ଏମାନଙ୍କର ଛୁଆ ଓ ପୂର୍ଣ୍ଣାଙ୍ଗ ପୋକଗୁଡ଼ିକ ପତ୍ରକଳିକୁ କୋରି ଖାଆନ୍ତି । ବେଳେବେଳେ ଫୁଲ ଓ ଛୋଟ ଫଳକୁ ଖାଆନ୍ତି । ଆକ୍ରାନ୍ତ ହେଲେ ପତ୍ରଗୁଡ଼ିକ ଉପରୁ ବଙ୍କା ହୋଇଯାଏ । ଫଳ ଉପରର ଚୋପା ଟାଣ ହୋଇଯାଏ ଓ ଫାଟିଯାଏ ।

### ପ୍ରତିକାର :

ଏମାନଙ୍କର ଆକ୍ରମଣ ଆରମ୍ଭ ହେଲେ ଯଦି କୌଣସି ସର୍ବାଙ୍ଗଭେଦୀ କୀଟନାଶକ ଯଥା ମେଟାସିଷ୍ଟକ୍ସ (୨.୫ ମି.ଲି./ଲିଟର) ବା ଫସଫାମିଡନ୍ (୧ ମି.ଲି./ଲିଟର)ର ପ୍ରୟୋଗ କରନ୍ତୁ ।

## ୫. ପତ୍ରଖିଆ ପୋକ :

ଏହାର ମା' ପ୍ରଜାପତିଟି ପତ୍ର ଉପରେ ଗୋଟି ଗୋଟି କରି ବା ମେଞ୍ଚା ମେଞ୍ଚା ଅଣ୍ଡା ଦେଇଥାନ୍ତି । ସେଥିରୁ ଶଳଭ ଗୁଡ଼ିକ ବାହାରି ପତ୍ରରୁ ସବୁଜ ଅଂଶକୁ କୋରି ବାନ୍ଧି ପୁରା ଜାଲ କରିଦିଅନ୍ତି ।

### ପ୍ରତିକାର :

ଯେକୌଣସି ସ୍ପର୍ଶଜନିତ କୀଟନାଶକ ଯଥା- ଏଣ୍ଡୋସଲଫାନ (୨.୫ ମିଲିଲିଟର) ବା ମନୋକ୍ରୋଟୋଫସ (୨ ମି.ଲି./ପ୍ରତିଲିଟର) ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ ।



## ୬. କାଣ୍ଡବିନ୍ଧା ପୋକ :

ଘିଅ ରଙ୍ଗର ଏହାର ମାଂସଳ ଶଳଭ ବୁଢ଼ାଗଛର କାଣ୍ଡକୁ କଣା କରି ତା ଭିତରେ ରହି ଖାଇ ମଳତ୍ୟାଗ କରନ୍ତି । କିଛିଦିନ ପରେ ଡାଳଟି ମରିଯାଏ ଅଧିକ ଆକ୍ରମଣ ହେଲେ ପ୍ରଥମେ ପତ୍ରଗୁଡ଼ିକ ଝଡ଼ିଯାଏ ଓ ପୁରା ଗଛଟି ମରିଯାଏ ।

### ନିୟନ୍ତ୍ରଣ :

(କ) ବଗିଚାରେ ଆକ୍ରାନ୍ତ ଡାଳ ଓ ଗଛଗୁଡ଼ିକ କାଟି ଦୂରରେ ନଷ୍ଟ କରିଦିଅନ୍ତୁ ।

(ଖ) କାଣ୍ଡରେ ହୋଇଥିବା କଣା ଭିତରକୁ ଗୋଟିଏ ସାଇକେଲ ସ୍ପୋକ ପୁରାଇ ପୋକକୁ ମାରନ୍ତୁ ବା କିଛି କିରୋସିନ୍ ବା ଡି.ଡି.ଭି.ପି. ଦ୍ରବଣ ଗାତ ଭିତରେ ପକାଇ କିଛି କାଦୁଅ ଲେସି ଦେଲେ ପୋକଗୁଡ଼ିକ ମରିଯାଆନ୍ତି ।

## ୭. କାଇ :

ଏଗୁଡ଼ିକ ପତ୍ରକୁ ପତ୍ର ଛନ୍ଦି ବସା ବାନ୍ଧନ୍ତି । ଏମାନେ ଗଛରେ ଥିବା ଛୋଟ ପୋକଜୋକ ଖାଇ ବଞ୍ଚନ୍ତି । କିନ୍ତୁ ଏମାନେ ଥିବା ଯୋଗୁଁ କେତେକ ପୋକ ଯଥା- ଜଉ, କାତିପୋକ ଇତ୍ୟାଦିଙ୍କର ସଂଖ୍ୟା ବହୁତ ବଢ଼ିଯାଏ ଓ କ୍ଷତି ଅଧିକ ହୋଇଥାଏ । ଏହାଛଡ଼ା ଗଛରେ ସ୍ପ୍ରେଇଙ୍ଗ, ଫଳତୋଳା ଆଦି କାମ ଏମାନଙ୍କ ଯୋଗୁଁ ବାଧାପ୍ରାପ୍ତ ହୋଇଥାଏ ।

### ପ୍ରତିକାର :

(କ) କାଇମାନଙ୍କର ବସାକୁ ନଷ୍ଟ କରି ଦିଅନ୍ତୁ ।

(ଖ) ବଗିଚାରେ ଧୂଆଁ ଦେଇଦେଲେ ସାମୟିକ ଭାବେ ଏମାନଙ୍କର ସଂଖ୍ୟା କମିଯାଇଥାଏ ।

(ଗ) ଆବଶ୍ୟକ ସ୍ଥଳେ ଯେ କୌଣସି ଧୂମକ ବିଷ ଯଥା- ଡି.ଡି.ଭି.ପି. (୧ ମି.ଲି./ଲିଟର) ପ୍ରୟୋଗ କରନ୍ତୁ ।

## ୮. ଫଳମାଛି :

ସାଧାରଣ ମାଛି ଠାରୁ ଆକାରରେ ସାମାନ୍ୟ ବଡ଼, ଈଷତ୍ ହଳଦିଆ ରଙ୍ଗର ଏହି ମାଛିଗୁଡ଼ିକ ପାକଳ ଫଳର ତଳେ ଅଣ୍ଡା ଦେଇଥାନ୍ତି । ଏଥିରୁ ଛୁଆ ବାହାରି ଫଳର ରସ ଖାଆନ୍ତି । ଆକ୍ରାନ୍ତ ଫଳଗୁଡ଼ିକ ପଚିଯାଏ ଓ ପୁରା ପାକଳ ହେବା ଆଗରୁ ଖସିପଡ଼େ । ଛୁଆ ଗୁଡ଼ିକ କିଛିଦିନ ପରେ ଫଳରୁ

ବାହାରି ଆସି ମାଟିରେ କୋଷା କରନ୍ତି । ସେଥିରୁ କିଛିଦିନ ପରେ ପୂର୍ଣ୍ଣାଙ୍ଗ ମାଛି ବାହାରି ଆସି ମାଟିରେ କୋଷା କରନ୍ତି । ସେଥିରୁ କିଛିଦିନ ପରେ ପୂର୍ଣ୍ଣାଙ୍ଗ ମାଛି ବାହାରି ଏମାନେ ଆକ୍ରମଣ କରୁଥିବା ଅନ୍ୟଫଳ ଯଥା- କଦଳୀ, କମଳା, ପିଜୁଳି ଇତ୍ୟାଦିକୁ ପଶି ଆକ୍ରମଣ କରନ୍ତି । ବିଳମ୍ବରେ ପାଚୁଥିବା ମିଠା କିସମ ଯଥା- ଆମ୍ରପଲ୍ଲୀ, ଦସହେରୀ, ମଲ୍ଲୀକା ଇତ୍ୟାଦିରେ ଏମାନେ ବେଶି ଆକ୍ରମଣ କରନ୍ତି ।

**ପ୍ରତିକାର :**

(କ) ବର୍ଷାଦିନେ ବଗିଚାକୁ ୨ ଓଡ଼ ଭଲରେ ଚାଷ କଲେ ମାଟି ଭିତରେ ଥିବା କୋଷା ବାହାରକୁ ବାହାରି ଆସି ମରିଯିବେ ବା ଚାଷ ସହ ମାଟିରେ ଏକର ପ୍ରତି ୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ମିଶାଇ ଦେଲେ ଆହୁରି ଭଲ ଫଳ ମିଳିଥାଏ ।

(ଖ) ଆକର୍ଷକ ବିଷ ଥୋପର ପ୍ରୟୋଗ- ଗୋଟିଏ ମାଟି ସରାରେ ୫୦ ମି.ଲି. ମାଲାଥିଅନ ଦ୍ରବଣ, କିଛି ଗୁଡ଼, ଗୋଟିଏ ଇଷ୍ଟ ବଟିକା, ଗୋଟିଏ ମାଛ ଶୁଖୁଆର ଗୁଣ୍ଡକୁ ରଖି କିଛି ପାଣି ସହ ୨ ଦିନ ପଚାଇ ପରେ ବଗିଚାରେ ରଖନ୍ତୁ । ଏକର ପ୍ରତି ୭ରୁ ୮ଟି ସରା ଯଥେଷ୍ଟ । ଏଥିରେ ଫଳମାଛିଗୁଡ଼ିକ ଆକର୍ଷିତ ହୋଇ ଆସିବେ ଓ ପରେ ସେମାନଙ୍କୁ ଧରି କିରୋସିନ ବା କିଛି ବିଷମିଶା ପାଣିରେ ପକାଇ ମାରନ୍ତୁ ।

## ୯. ପତ୍ରମୋଡ଼ା ପୋକ :

ଏହାର ମା'ଟି ଗୋଟିଏ ପ୍ରଜାପତି ଓ ଶଲଭ ଗୁଡ଼ିକ ଈଷତ୍ ସବୁଜ, ଲମ୍ବା ଓ ଦେହରେ କଳା କଳା ପଟା ଦାଗ ଥାଏ । ଏହାର ମା'ଟି ପତ୍ର ଉପରେ ଗୋଟି ଗୋଟି କରି ଅଣ୍ଡା ଦିଏ । ଛୁଆଗୁଡ଼ିକ ପତ୍ରର ସବୁଜ ଅଂଶକୁ ଖାଇ ଜାଲି କରିଦିଅନ୍ତି । ପରେ ଅଗରେ ଥିବା ସମସ୍ତ ପତ୍ରକୁ ଜାଲରେ ବାନ୍ଧି ବିଣ୍ଡା କରିଦିଅନ୍ତି । ଫୁଲ ଓ ବଉଳ ସମୟରେ ବଉଳସହ ପତ୍ର ବିଣ୍ଡା କରିଦେବାରୁ ଫଳ ହୋଇପାରେ ନାହିଁ । ଛୋଟ ଗଛର ବୃଦ୍ଧି ମଧ୍ୟ ବନ୍ଦ ହୋଇଯାଏ ।

**ପ୍ରତିକାର :**

ମଝିରେ ମଝିରେ ଆକ୍ରାନ୍ତ ପତ୍ର ଓ ବସାକୁ ନଷ୍ଟକରି ୧୫ ଦିନ ଅନ୍ତରରେ

୨ ଥର ଯେକୌଣସି ସ୍ପର୍ଶ କୀଟନାଶକ ଯଥା ଏଣ୍ଡୋସଲଫାନ (ଲିଟର ପ୍ରତି ୨.୫ ମି.ଲି.) ବା ମନୋକ୍ରୋଟୋଫସ୍ (ଲିଟର ପ୍ରତି ୨ ମି.ଲି.) ହିସାବରେ ପ୍ରୟୋଗ କରନ୍ତୁ ।

## ୧୦. କାଣ୍ଡପୁଡ଼ା ପୋକ :

ଏହା ଓଡ଼ିଶାରେ ଆଭ୍ୟନ୍ତରୀଣ ଜିଲ୍ଲା ଯଥା- ଦେବଗଡ଼, କେନ୍ଦୁଝର, ସମ୍ବଲପୁର ଇତ୍ୟାଦିରେ ଦେଖାଯାଏ । ଏହାର ପୂର୍ଣ୍ଣାଙ୍ଗ ପୋକ ଗୁଡ଼ିକ ଅତ୍ୟନ୍ତ କ୍ଷୁଦ୍ର (୩ରୁ ୪ ମି.ଲି.) ଆକାର ଓ ମୁଣ୍ଡଟି କଳା ଓ ପଛଗୋଡ଼ ଦୁଇଟି ବଡ଼ । ଡେଣା ଦୁଇଟି ଦେହ ଉପରେ ଢାଙ୍କି ହୋଇଥାନ୍ତି । ଏହାର ଛୁଆଗୁଡ଼ିକ ଅଗଷ୍ଟ-ସେପ୍ଟେମ୍ବର ମାସରେ ବାହାରି ଗଛ ଅଗରୁ ରସ ଶୋଷନ୍ତି । ତାଙ୍କ ପାଟିର ଲାଳରୁ ନିର୍ଗତ ଏକ ପ୍ରକାର ବିଷରେ ଅଗରେ ଟାଣୁଆ ସବୁଜ ରଙ୍ଗର କୋନ୍ ଭଳି ବାହାରୁଥିବା ଭାତୁଡ଼ି ଆକୃତି ହୋଇଯାଏ ଏବଂ ତା' ଭିତରେ ଛୁଆ ଗୁଡ଼ିକ ଥାଆନ୍ତି । ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଏହିଭଳି ଭାତୁଡ଼ି ବେଶୀ ଦେଖାଦିଏ । ଏହି ଭଳି ଡାଳରୁ ଆଉ ବଉଳ ବାହାରି ନଥାଏ ଓ ଏମାନେ ବର୍ଷକୁ ଥରେ ମାତ୍ର ଛୁଆ ଦେଇଥାନ୍ତି । ସାଧାରଣତଃ ବୁଢ଼ା ଗଛଗୁଡ଼ିକ (୧୦ରୁ ୨୦ ବର୍ଷ) ଛୋଟ ଗଛ ଅପେକ୍ଷା ଅଧିକ ଆକ୍ରାନ୍ତ ହୋଇଥାନ୍ତି ।

**ପ୍ରତିକାର :**

ଯେକୌଣସି ସର୍ବାଙ୍ଗଭେଦୀ କୀଟନାଶକ ଯଥା- ଇମିଡ଼ାକ୍ଲୋପ୍ରିଡ଼୍, ଏସିଟାମିପ୍ରିଡ଼ ବା ପାଇରେଥ୍ରେଏଡ୍ ଜାତୀୟ ବିଷ ଯଥା ସାଇପରମେଥ୍ରିନ୍ ବା ଡେକାମେଥ୍ରିନ୍‌କୁ ସେପ୍ଟେମ୍ବର ମାସରେ ଅନୁମୋଦନ ମାତ୍ରାରେ ପ୍ରୟୋଗ କରନ୍ତୁ ।

# ଆମ୍ବରେ ଲାଗୁଥିବା ରୋଗ :

## ୧. ପାଣ୍ଡୁରକ ରୋଗ :

ବଉଳ ଓ ପତ୍ର ଉପରେ ଧଳା ଧଳା ଦାଗ ହୋଇ ଫୁଲ ଝଡ଼ିପଡ଼େ । ଶୀତଦିନେ ବର୍ଷାପାଗ ରହିଲେ ଏହାର ପ୍ରାଦୁର୍ଭାବ ଅଧିକ ହୋଇଥାଏ । ବେଳେବେଳେ ପତ୍ର ଓ ଛୋଟ ଫଳ ମଧ୍ୟ ଆକ୍ରାନ୍ତ ହୋଇ ଗଛରୁ ଝଡ଼ିପଡ଼େ ଓ ଗଛର ଅମଳ କମିଯାଏ । ଏହି ରୋଗ ଦ୍ୱାରା ଆକ୍ରାନ୍ତ ଫଳଗୁଡ଼ିକ ଛୋଟ ଆକାର, ହଳଦିଆ ରଙ୍ଗର ହୋଇଥାଏ ।

**ପ୍ରତିକାର :**

ଗନ୍ଧକ ସେଚିତ ଗୁଣ୍ଡକୁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ଗୁଣ୍ଡ ବା ଟ୍ରାଇଡିମର୍ଫ ପ୍ରତି ଲିଟର ପାଣିରେ ୧ ମି.ଲି. ମିଶାଇ ପ୍ରୟୋଗ କରିବା ସହ ଡାହାଣୀ ଦମନ ପାଇଁ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ ।

## ୨. ଡାହିମରା :

ଗଛର ଡାଳ ଅଗପଟୁ ମରି ବେଳେବେଳେ ପୁରାଗଛ ମରିଯାଇଥାଏ । ପୁରୁଣା ଓ ଅବହେଳିତ ବଗିଚା ବେଶି ଆକ୍ରାନ୍ତ ହୋଇଥାଏ । ବେଳେବେଳେ ଡାଳଟି କଳା ପଡ଼ିଯାଇଥାଏ ଓ ଚୋପା ଫାଟିଯାଏ ।

**ପ୍ରତିକାର :**

(କ) ଡାହିମରା ଆରମ୍ଭ ହେବାକ୍ଷଣି ଡାଳକୁ ମୂଳରୁ କାଟି କଟା ଅଂଶରେ ବ୍ଲାଇଟକ୍ସ ଗୁଣ୍ଡ ବା ବୋର୍ଡେକ୍ସର ମିଶ୍ରଣର ଥୋପ ଦିଅନ୍ତୁ ।

(ଖ) ବଗିଚାରେ ଠିକ୍ ସମୟରେ ଖତ, ସାର ପ୍ରୟୋଗ କଲେ ଏହି ରୋଗ ପ୍ରତିରୋଧକ ସୃଷ୍ଟି ହୋଇଥାଏ ।

## ୩. ମାଲଫରମେସନ (ବଉଳ ମୋଟା ରୋଗ) :

ଏହି ରୋଗ ଫିମ୍ପି ଆକ୍ରମଣ ତଥା ଖାଦ୍ୟସାର ଅଭାବରୁ ହୋଇଥାଏ । ଏଥିରେ ବଉଳଟି ମୋଟା ହୋଇ ଗୋଟିଏ ପେଣ୍ଡୁ ଭଳି ଦିଶେ ଓ ଫୁଲରୁ ଫଳ ହୋଇପାରେ ନାହିଁ । ଏହି ରୋଗଟି ଗୋଟିଏ ଗଛରୁ ଅନ୍ୟ ଗଛକୁ ଏକଜାତୀୟ ଅଷ୍ଟପଦୀ ଦ୍ୱାରା ବ୍ୟାପିଥାଏ । ବେଳେ ବେଳେ ଅନ୍ୟ ପତ୍ର ଗୁଡ଼ିକ ଛୋଟ ଛୋଟ ହୋଇ ଗୋଟିଏ ଗଣ୍ଠିରୁ ବାହାରିଲା ଭଳି ଦିଶେ ଓ ପରେ ଡାଳର ବୃଦ୍ଧି ହୋଇ ନଥାଏ ।

**ପ୍ରତିକାର :**

(କ) ଆକ୍ରାନ୍ତ ବଉଳ ଓ ଡାଳକୁ କାଟି ଦୂରରେ ନଷ୍ଟ କରିଦିଅନ୍ତୁ ।

(ଖ) ବଉଳ ଆରମ୍ଭ ହେବା ସମୟରେ ବାଭିଷ୍ଟିନ ଗୁଣ୍ଡ ୨ ଗ୍ରାମକୁ ଲିଟର ପ୍ରତି ପାଣିରେ ମିଶାଇ ଇମିଡାକ୍ଲୋପ୍ରିଡ଼ ସହ ସିଞ୍ଚନ କରନ୍ତୁ ।

## ୪. ଗାନୋଡର୍ମା ଚେରସଢ଼ା :

ଆକ୍ରାନ୍ତ ଗଛର ପତ୍ରଗୁଡ଼ିକ ନିର୍ଜୀବ ହୋଇ ଝଡ଼ିପଡ଼େ ଓ ପରେ ଗଛଟି

ଶୁଖି ମରିଯାଇଥାଏ । ବର୍ଷାଦିନେ ଗଛର ଗଣ୍ଡିରେ ଛତୁ ଫୁଟି ଯାଏ । ଏଭଳି ଗଛର ଚେରଗୁଡ଼ିକ ଅତି ହାଲୁକା ହୋଇଥାଏ ଓ ହାତରେ ଧରିଲେ ଗୁଣ୍ଡ ହୋଇଯାଏ ।

**ପ୍ରତିକାର :**

(କ) ଆକ୍ରାନ୍ତ ଗଛ ଓ ଚେର ନଷ୍ଟ କରି ଦିଅନ୍ତୁ ।

(ଖ) ଚେରକୁ ଡିନୋକ୍ୟାପ୍ ଫିମ୍ପି ନାଶକ ବା ଟ୍ରାଇକୋଡର୍ମା ଭିରିଡ଼େରେ ବିଶୋଧନ କରି ଚେରକୁ ମାଟିଦ୍ୱାରା ଘୋଡ଼ାଇ ଦିଅନ୍ତୁ ।

## ୫. ସୁଟିମୋଲ୍ଡ :

ଆମ୍ବଗଛରେ ଲାଗୁଥିବା ବିଭିନ୍ନ ପ୍ରକାରର ଶୋଷକ ପୋକ ଯଥା-ଜଉ, ଦହିଆ, କାତିପୋକ, ଆମ୍ବ ଡାହାଣି ଇତ୍ୟାଦିଙ୍କର ମଳରେ ହନିଡିଉ ଥିବାରୁ ଏହି କଳାରଙ୍ଗର ଫିମ୍ପିଗୁଡ଼ିକ ପତ୍ର ଫଳ ଓ ଗଛ ଅଗରେ ମାଡ଼ିଯାଆନ୍ତି । ଆକ୍ରାନ୍ତ ପତ୍ରଗୁଡ଼ିକ ମୋଟା ହୋଇଯାଇ ଶୁଖି ଗଛରୁ ଝଡ଼ିପଡ଼େ । ଏହାଛଡ଼ା ବଢୁଥିବା ଆମ୍ବ ଉପରେ ଏଗୁଡ଼ିକ ଲାଗି ରଙ୍ଗ କଳା କରିଦେଉଥିବାରୁ ତାର ବଜାର ମୂଲ୍ୟ କମିଯାଏ ।

**ପ୍ରତିକାର :**

(କ) ଆମ୍ବରେ ଲାଗୁଥିବା ଦହିଆ, କାତି ଓ ଡାହାଣୀ ପୋକକୁ ବିଷ ପ୍ରୟୋଗ କରି ଦମନ କରନ୍ତୁ ।

(ଖ) ଆମ୍ବ ଗଛରୁ କଳାଦାଗ ଛଡ଼ାଇବା ପାଇଁ ଏକର ପ୍ରତି ୨ କି.ଗ୍ରା. ଷ୍ଟାର୍ଚ ପାଉଡର ଆବଶ୍ୟକ ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ୬. ଫଳ ସଢ଼ା :

ଏହି ରୋଗାକ୍ରାନ୍ତ ଗଛର ପତ୍ରରେ ବାଦାମୀ ରଙ୍ଗର ଟିପିଟିପି ପରି ଦାଗ ହୋଇଯାଏ । ଉଷ୍ମ, ଆର୍ଦ୍ର ଜଳବାୟୁରେ ଏହି ଦାଗଗୁଡ଼ିକ ମିଶିଯାଇ ପୁରା ପତ୍ରକୁ ଆଚ୍ଛାଦିତ କରିଥାଏ । ଆକ୍ରାନ୍ତ ଡେମ୍ଫଗୁଡ଼ିକ ପାଉଁଶିଆ ହୋଇଯାଏ । ବେଳେବେଳେ ବଉଳର ଡେମ୍ଫ ମରିଯିବାରୁ ଫଳଧାରଣ କ୍ଷମତା କମିଯାଏ । ଫଳଗୁଡ଼ିକ ବଢ଼ିବା ସମୟରେ ଆକ୍ରାନ୍ତ ହେଲେ ଗଛରୁ ଖସିପଡ଼େ । ପାଚିଲା ଫଳ ଗଛରେ ଓ ଭଣ୍ଡାର ଘରେ ସଢ଼ିଯାଏ ।

ମୁଖ୍ୟ ପୋକ ଓ ରୋଗଗୁଡ଼ିକର ବଂଶବୃଦ୍ଧିର ସମୟ ଓ ସେ ସମୟର ପରିବେଶ-

**୧. ଆମ୍ବଡାହାଣୀ:** ଛାଇ ସହ ଜଳବାୟୁରେ ଆର୍ଦ୍ରତା ଓ ଅଧିକ ଉତ୍ତାପ- ଫେବୃୟାରୀରୁ ଏପ୍ରିଲ୍ ମାସ ।

**୨. ଦହିଆପୋକ :** ନଭେମ୍ବରରୁ ମାର୍ଚ୍ଚ ମାସ ଭିତରେ ଥଣ୍ଡା ଜଳବାୟୁ ।

**୩. ଫଳମାଛି :** ମେ ରୁ ଜୁଲାଇ ମାସ ଭିତରେ ଅଧିକ ଉତ୍ତାପ ସହ ଜଳବାୟୁରେ ଅଧିକ ଜଳୀୟବାଷ୍ପ ।

**୪. ପତ୍ରମୋଡ଼ା :** ଜୁନ୍‌ରୁ ନଭେମ୍ବର ମାସ ଭିତରେ ଜଳବାୟୁରେ ଅଧିକ ଉତ୍ତାପ ଓ ଜଳବାୟୁ ।

**୫. ଡାଳପୁଡ଼ା ପୋକ :** ଅଗଷ୍ଟରୁ ସେପ୍ଟେମ୍ବର ଭିତରେ ମଧ୍ୟମ ତାପମାତ୍ରା ଓ ଆର୍ଦ୍ରତା ।

**୬. କାତିପୋକ :** ଜୁଲାଇରୁ ଅଗଷ୍ଟ ମାସ ଭିତରେ ଅଧିକ ଉତ୍ତାପ ଓ ଆର୍ଦ୍ରତା ।

**୭. ପାଣ୍ଡୁରକ ରୋଗ :** ମେଘୁଆ ପାଗ ସହ ସକାଳୁ ଘନ କୁହୁଡ଼ି ଓ ଜଳବାୟୁରେ ଅଧିକ ଆର୍ଦ୍ରତା ।

**୮. ଫଳସଢ଼ା :** ଫଳ ସମୟରେ ହାରାହାରି ତାପମାତ୍ରା ୨୫°ସେ. ଓ ଜଳବାୟୁର ଆର୍ଦ୍ରତା ।

## ପୋକଙ୍କର ନିରନ୍ତର ସର୍ବେକ୍ଷଣ ଓ ଆର୍ଥିକ ଦେହାଳୀ ସୀମା ନିରୂପଣ :

ବଗିଚାରେ ବାରମ୍ବାର ବୁଲି ଗଛକୁ ନିରୀକ୍ଷଣ କଲେ ପୋକଙ୍କର ଆଗମନ ଓ ବଂଶବିସ୍ତାର ସମ୍ବନ୍ଧରେ ସୂଚନା ପାଇହୁଏ । ସେମାନଙ୍କର ସଂଖ୍ୟା ଆକଳନ କରିବା ପାଇଁ ବିଭିନ୍ନ ପଦ୍ଧତି ମଧ୍ୟରୁ ଗଛକୁ ଝାଡ଼ି ସିଧା ସଂଖ୍ୟା ଗଣନା କରିବା, ଗଣ୍ଡି ଦେହରେ ଚକ୍ର ଦାଗଦେଇ ତା' ମଧ୍ୟରେ ପ୍ରତି ସପ୍ତାହରେ ବସୁଥିବା ଡାହାଣୀ ପୋକର ସଂଖ୍ୟା ନିରୂପଣ, ୧୦ଟି ବଉଳକୁ ଏକାଠି କରି ତାକୁ ଗୋଟିଏ ବର୍ଗଫୁଟ କାର୍ଡ଼ବୋର୍ଡ଼ ଉପରେ ଝାଡ଼ି ସେଥିରେ ପଡ଼ିଥିବା ଡାହାଣୀ ପୋକର ସଂଖ୍ୟା ଆକଳନ କରାଯାଏ । ଯଦି ପ୍ରତି ବଉଳ ପିଛା ୫ଟି କରି ପୂର୍ଣ୍ଣାଙ୍ଗ ଡାହାଣୀ ପୋକ ବାହାରେ, ତେବେ ବିଷ ପ୍ରୟୋଗ ଦରକାର ହୁଏ ।

ଏହାଛଡ଼ା ପୋକଙ୍କର ଅଣ୍ଡା ବା କ୍ଷତିର ଲକ୍ଷଣ ଓ ମାତ୍ରା ଆକଳନ କରି ଦମନ ପ୍ରକ୍ରିୟା ଆରମ୍ଭ କରାଯାଏ ।

ତେଣୁ ବ୍ୟବସାୟିକ ଭିତ୍ତିରେ ଆମ୍ବଚାଷ କରୁଥିବା ଚାଷୀଭାଇମାନେ ଉପରୋକ୍ତ ରୋଗ ଓ ପୋକଙ୍କ ପ୍ରତି ଧ୍ୟାନଦେଇ ଉଚିତ ସମୟରେ ଓ ଢଙ୍ଗରେ ସେମାନଙ୍କର ସଠିକ୍ ପରିଚାଳନା କରିପାରିଲେ ଅଧିକ ଅମଳ ସହ ଲାଭ ମଧ୍ୟ ପାଇପାରିବେ ।












କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

email : kvk.gajapati@ouat.ac.in